ଭାରତ-ଆଫ୍ରିକା ଟି-୨୦ ସିରିଜ୍ ନେଇ ସ୍ମିଥ୍ ଆଶାବାଦୀ

ମୁମ୍ବାଇ,୨୧।୫/ଏଜେନ୍ସି: କରୋନା ଭାଇରସ୍‌ର ପ୍ରଭାବ ଯୋଗୁଁ ସୃଷ୍ଟି ହୋଇଥିବା ସ୍ଥିତିରୁ ମୁକୁଳିବା ଏତେଟା ସହଜ ନୁହେଁ। ଏଣୁ ଆମକୁ ପରିସ୍ଥିତି ସହ ଖାପ୍ ଖୁଆଇ ଚଳିବାକୁ ହେବ। ଯାହା ଫଳରେ ଆମେ ପୁଣିଥରେ କ୍ରିକେଟ ଖେଳ ଆରମ୍ଭ କରାଇପାରିବୁ ବୋଲି କହିଛନ୍ତି ସାଉଥ୍ ଆଫ୍ରିକା କ୍ରିକେଟ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଗ୍ରେମ୍ ସ୍ମିଥ୍। ସାଉଥ ଆଫ୍ରିକା ୨ଟି ଟେଷ୍ଟ ଓ ୫ଟି ଟି-୨୦ ମ୍ୟାଚ୍ ଖେଳିବାକୁ ୱେଷ୍ଟଇଣ୍ଡିଜ୍ ଯିବ। ଏହାପରେ ଭାରତ ସହ ଘରୋଇ ମାଟିରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ମୁଁ ବିସିସିଆଇ ସହ ଯୋଗାଯୋଗରେ ରହିଛି ଓ ଅଗଷ୍ଟ ଶେଷ ସପ୍ତାହରେ ହେବାକୁ ଥିବା ଏହି ସିରିଜ୍ ଲାଗି ମୁଁ ବେଶ୍ ଆଶାବାଦୀ ବୋଲି ସ୍ମିଥ୍ କହିଛନ୍ତି। କିନ୍ତୁ ଅଗଷ୍ଟ ବେଳକୁ ସ୍ଥିତି କ'ଣ ଥିବ, ଆମେ କେହି ଜାଣିନାହାନ୍ତି। ତେଣୁ ପର୍ଯ୍ୟାୟ କ୍ରମରେ ସ୍ଥିତିର ଅନୁଧ୍ୟାନ କରିବାକୁ ହେବ ଓ ଏଥିରେ ଉନ୍ନତି ଘଟିଲେ ୧୪ ଦିନର କ୍ୱାରେଣ୍ଟାଇନ୍ ନିୟମ ସହ ଆମକୁ ଆଗକୁ ବଢ଼ିବାକୁ ହେବ ବୋଲି ସ୍ମିଥ କହିଛନ୍ତି।

ଦିନିକିଆରେ ସର୍ବାଧିକ ଷ୍ଟମ୍ପିଂ: ଶୀର୍ଷ ୫ରେ ପାକ୍ ଓ ଅଷ୍ଟ୍ରେଲୀୟ ୱିକେଟ୍‌କିପର୍

ଆଗରେ ଧୋନି, ଦ୍ୱିତୀୟରେ ସାଙ୍ଗାକାରା

ନୂଆଦିଲ୍ଲୀ,୨୧।୫/ଏଜେନ୍ସି: ଦିନିକିଆ କ୍ରିକେଟ୍‌ରେ ୱିକେଟ୍‌କିପର୍‌ଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ୱିକେଟ୍ ପଛରେ ଥିବା ଖେଳାଳି ଜଣକ ସମ୍ପୂର୍ଣ୍ଣ ମ୍ୟାଚ୍‌କୁ ପରିଚାଳନା କରିବାର ସୁଯୋଗ ଥାଏ। ଏହି ସୁଯୋଗର ଫାଇଦା ଉଠାଇଥିବା ଖେଳାଳି ବିଶ୍ୱର ସଫଳ ୱିକେଟ୍‌କିପର୍ ସୂଚୀରେ ସ୍ଥାନ ପାଇଆସିଛନ୍ତି। ଏହାଛଡ଼ା ସ୍ପିନର୍‌ଙ୍କ ସଫଳତା ମଧ୍ୟ ଜଣେ ୱିକେଟ୍‌କିପର୍‌ର ଦକ୍ଷତା ଉପରେ ନିର୍ଭରଶୀଳ ଥାଏ। ବ୍ୟାଟ୍ସମ୍ୟାନ୍ ସାମାନ୍ୟ ଏପଟସେପଟ ହେଲେ ୱିକେଟ୍ ଉଡ଼ାଇ ବୋଲର୍‌ଙ୍କୁ ସଫଳତା ଦେଇଥାଏ ୱିକେଟ୍‌କିପର୍ ଜଣକ। ଏହି କାରଣରୁ ଦିନିକିଆ କ୍ରିକେଟ୍‌ରେ ଦଳର ସଫଳତା ମଧ୍ୟ ଅଧିକତଃ ୱିକେଟ୍‌କିପର୍ ଉପରେ ନିର୍ଭରଶୀଳ ଥାଏ। ଏହି ଫର୍ମାଟ୍‌ରେ ସର୍ବାଧିକ ଷ୍ଟମ୍ପିଂ କରିଥିବା ୱିକେଟ୍‌କିପର୍‌ଙ୍କ ସମ୍ପର୍କରେ ଆଲୋଚନା କଲେ, ଭାରତର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କୁ ସବୁଠାରୁ ଉପରେ ପାଇବା। ଦ୍ୱିତୀୟରେ ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ କୁମାର ସାଙ୍ଗାକାରା ଥିବା ବେଳେ ଶୀର୍ଷ ୫ରେ ଆଉ ଜଣେ ଶ୍ରୀଲଙ୍କା ଓ ଜଣେ ଲେଖାଏଁ ପାକିସ୍ତାନୀ ଓ ଅଷ୍ଟ୍ରେଲୀୟ ୱିକେଟକିପର୍ ଅଛନ୍ତି। ନିମ୍ନରେ ସେମାନଙ୍କ ସମ୍ପର୍କରେ ଆଲୋଚନା କରିବା।

ମହେନ୍ଦ୍ର ସିଂହ ଧୋନି (୧୨୩ ଷ୍ଟମ୍ପିଂ)

ଧୋନି ଦଳର ଅଧିନାୟକ ହୋଇଥିବାରୁ ତାଙ୍କ ପାଇଁ ୱିକେଟ୍ ପଛରେ ଦ୍ୱୈତ ଭୂମିକା ତୁଲାଇବାର ଅବକାଶ ରହିଥିଲା। ପ୍ରତିପକ୍ଷ ବ୍ୟାଟ୍ସମ୍ୟାନ୍‌ଙ୍କୁ ବାନ୍ଧି ରଖିବା ସକାଶେ ବୋଲର୍‌ଙ୍କୁ ପରାମର୍ଶ ଦେବା ସହ ଉପଯୁକ୍ତ ସ୍ଥାନରେ ଫିଲ୍‌ଡର୍‌ଙ୍କୁ ଜଗାଇବା ସହ ସେ ୱିକେଟ୍ ପଛରେ ବୋଲର୍‌ର ସଫଳତାକୁ ଯୋଡ଼ିବାରେ ମଧ୍ୟ ବେଶ୍ ସକ୍ଷମ ହୋଇଆସିଛନ୍ତି। ଏହି କାରଣରୁ ସେ ଦିନିକିଆ କ୍ରିକେଟ୍‌ରେ ବିଶ୍ୱର ସବୁଠାରୁ ଅଧିକ ଷ୍ଟମ୍ପିଂର ରେକର୍ଡ ନିଜ ନାମରେ କରିଛନ୍ତି। ତାଙ୍କର ସ୍ଫୂର୍ତ୍ତି ଓ ବିଚକ୍ଷଣତାକୁ ଏହାର ଅଧିକ ଶ୍ରେୟ ଯାଏ। ଆଖି ପିଛୁଳାକେ ବ୍ୟାଟ୍ସମ୍ୟାନ୍‌ଙ୍କୁ ଷ୍ଟମ୍ପ୍ ଆଉଟ୍ କରିବାରେ ମାହିର୍ ଧୋନି ୧୫ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟର୍‌ରେ ୩୨୧ଟି ଦିନିକିଆ ଖେଳିବା ସହ ୧୨୩ ଥର ବ୍ୟାଟ୍ସମ୍ୟାନ୍‌ଙ୍କୁ ଷ୍ଟମ୍ପିଂ କରିପାରିଛନ୍ତି। ୱିକେଟ୍‌କିପର୍ ଭାବେ ସେ ସର୍ବମୋଟ ୪୪୪ଟି ଶିକାର ହାସଲ କରିପାରିଛନ୍ତି। ସେଥିପାଇଁ ମ୍ୟାଚ୍ ପିଛା ଧୋନିଙ୍କ ସଫଳତାର ହାର ୧.୨୮୬ ରହିଛି।

କୁମାର ସାଙ୍ଗାକାରା (୯୯ ଷ୍ଟମ୍ପିଂ)

୧୫ ବର୍ଷ ଧରି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସକ୍ରିୟ ଥିବା କୁମାର ସାଙ୍ଗାକାରା ବ୍ୟାଟିଂରେ ଚମତ୍କାରିତା ଦେଖାଇବା ସହ ଗ୍ଲୋଭ୍‌ରେ ବି ଆଖିଦୃଶିଆ ସଫଳତା ପାଇଛନ୍ତି। ମୁଥିୟା ମୁରଲୀଧରନ୍‌ଙ୍କ ସମେତ ଶ୍ରୀଲଙ୍କା ସ୍ପିନର୍‌ଙ୍କୁ ଉପଯୁକ୍ତ ସହାୟତା ଦେଇ ସାଙ୍ଗାକାରା ଦିନିକିଆରେ ୯୯ଟି ଷ୍ଟମ୍ପିଂ କରିଛନ୍ତି। ଷ୍ଟମ୍ପିଂ ସୂଚୀରେ ଦ୍ୱିତୀୟ ସ୍ଥାନରେ ଥିଲେ ମଧ୍ୟ ସାଙ୍ଗାକାରା ୪୦୪ ଦିନିକିଆରେ ସମୁଦାୟ ୪୮୨ଟି ଆଉଟ୍ କରିପାରିଛନ୍ତି, ଯାହାକି ଏକ ରେକର୍ଡ। ପ୍ରତି ମ୍ୟାଚ୍‌ରେ ତାଙ୍କର ସଫଳତା ହାର ୧.୩୬୫ ରହିଛି।

ରୋମେଶ କାଲୁୱିଦରନା (୭୫ ଷ୍ଟମ୍ପିଂ)

ଦ୍ୱିତୀୟ ସ୍ଥାନ ପରି ତୃତୀୟରେ ବି ଜଣେ ଶ୍ରୀଲଙ୍କା ୱିକେଟ୍‌କିପର୍ ଅଛନ୍ତି। ସେ ହେଉଛନ୍ତି ରୋମେଶ କାଲୁୱିଦରନା। ଏକଦା ସନତ୍ ଜୟସୂରିୟାଙ୍କ ସହ ଘାତକ ଓପନିଂ ଯୋଡ଼ି ବନାଇଥିବା ରୋମେଶ ଦିନିକିଆରେ ସର୍ବାଧିକ ଷ୍ଟମ୍ପିଂ ତାଲିକାରେ ତୃତୀୟରେ ଅଛନ୍ତି। ଧୋନି ଓ ସାଙ୍ଗାକାରାଙ୍କ ତୁଳନାରେ ଯଥେଷ୍ଟ କମ୍ ଅର୍ଥାତ୍ ୧୮୯ଟି ଦିନିକିଆ ଖେଳିଥିବା ରୋମେଶଙ୍କ ନାମରେ ୭୫ଟି ଷ୍ଟମ୍ପିଂ ରହିଛି। ବୋଲର୍‌ଙ୍କ ସହ ଆଖି ଇସାରାରେ ସମ୍ପର୍କ ରଖିବାରେ ମାହିର୍ ରୋମେଶ ୱିକେଟ୍‌କିପର୍ ଭାବେ ସର୍ବମୋଟ ୨୦୬ଟି ସଫଳତା ପାଇଛନ୍ତି।

ମୋଇନ୍ ଖାନ୍ (୭୩ ଷ୍ଟମ୍ପିଂ)

ପାକିସ୍ତାନ କ୍ରିକେଟ୍ ଟିମ୍‌ର ଅନ୍ୟତମ ସଫଳ ୱିକେଟ୍‌କିପର୍ ମୋଇନ୍ ଖାନ୍ ଅନ୍ତର୍ଜାତୀୟ ସ୍ତରରେ ବ୍ୟାଟ୍ସମ୍ୟାନ୍‌ଙ୍କୁ ଚିଡ଼ାଇବାରେ ମାହିର୍ ଥିଲେ। ସ୍ଲେଜିଂ ଦ୍ୱାରା ବ୍ୟାଟ୍ସମ୍ୟାନ୍‌ଙ୍କୁ ଭୁଲ୍ କରିବା ପାଇଁ ପ୍ରବର୍ତ୍ତାଇ ସେ ଅଚିରେ ୱିକେଟ୍ ଖସାଇପାରୁଥିଲେ। ୧୪ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟର୍‌ରେ ସେ ସାକ୍‌ଲେନ୍ ମୁସ୍ତାକ୍ ଓ ଅନ୍ୟାନ୍ୟ ସ୍ପିନର୍‌ଙ୍କ ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ୭୩ଟି ଷ୍ଟମ୍ପିଂ ସହ ଚତୁର୍ଥ ସ୍ଥାନରେ ଥିବା ମୋଇନ୍ ସମୁଦାୟ ୨୮୭ଟି ସଫଳତା ପାଇଥିଲେ। ଇନିଂସ ପିଛା ତାଙ୍କର ସଫଳତା ହାର ୧.୩୭୩ ରହିଛି।

ଆଡାମ୍ ଗ୍ରିଲକ୍ରିଷ୍ଟ (୫୫ ଷ୍ଟମ୍ପିଂ)

ବିଶ୍ୱରେ ଜଣେ ସାହସୀ ୱିକେଟ୍‌କିପର୍ ଭାବେ ପରିଚିତ ଅଷ୍ଟ୍ରେଲିଆର ଆଡାମ୍ ଗିଲକ୍ରିଷ୍ଟ ଦିନିକିଆରେ ସର୍ବାଧିକ ସଫଳତାରେ ଦ୍ୱିତୀୟ ସ୍ଥାନରେ ରହିଥିଲେ ହେଁ ଏଥିରେ ମାତ୍ର ୫୫ଟି ଷ୍ଟମ୍ପିଂ ରହିଛି। ୱିକେଟ୍ ପଛରେ ଗ୍ଲେନ୍ ମ୍ୟାକ୍‌ଗ୍ରାଥ୍ ଓ ଶେନ୍ ୱାର୍ଣ୍ଣଙ୍କ ବୋଲିଂର ମୁକାବିଲା କରିବା ସହ ଗିଲକ୍ରିଷ୍ଟ ଅନେକ ଚିତ୍ତାକର୍ଷକ କ୍ୟାଚ୍ ନେଇଛନ୍ତି। ସେ ୱିକେଟ୍‌କିପର୍ ଭାବେ ସର୍ବମୋଟ ୪୭୨ ଥର ବ୍ୟାଟ୍ସମ୍ୟାନ୍‌ଙ୍କୁ ଆଉଟ୍ କରିଥିବା ବେଳେ ବିଶ୍ୱରେ ତାଙ୍କର ଇନିଂସ ପିଛା ସଫଳତା ହାର ସର୍ବାଧିକ ଅର୍ଥାତ୍ ୧.୬୭୯ ରହିଛି।

ସଚିନ୍‌ଙ୍କ ସମୟରେ ବ୍ୟାଟିଂ କଷ୍ଟସାଧ ଥିଲା: ଶୋଏବ୍

ଲାହୋର୍,୨୧।୫/ଏଜେନ୍ସି: ୧୯୮୯ ମସିହାରେ ଅନ୍ତର୍ଜାତୀୟ କ୍ରିକେଟ୍ ଜୀବନ ଆରମ୍ଭ କରିଥିବା ସଚିନ୍ ୨୪ ବର୍ଷ ଧରି ସକ୍ରିୟ ରହିପାରିଥିଲେ। ଗତ ୨୦୧୩ରେ ନିଜର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ସଚିନ୍ ଅନେକ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ତେବେ ସଚିନ୍‌ଙ୍କର କେତୋଟି ରେକର୍ଡ ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି ଭାଙ୍ଗିସାରିଥିବା ବେଳେ ଆଗକୁ ସେ ଏହି ଧାରା ଜାରି ରଖିବାର ସମ୍ଭାବନା ମଧ୍ୟ ରହିଛି। ଏହି କାରଣରୁ ଅନେକ କ୍ରିକେଟର୍ ସଚିନ୍‌ଙ୍କଠାରୁ କୋହଲି ଶ୍ରେଷ୍ଠ ବୋଲି ମତ ଦେଇଛନ୍ତି। କିନ୍ତୁ ପାକିସ୍ତାନର ପୂର୍ବତନ ସ୍ପିଡ୍‌ଷ୍ଟାର୍ ଶୋଏବ୍ ମଲିକ ଏପରି ତୁଳନାକୁ ନାପସନ୍ଦ କରିଛନ୍ତି। ସେ କହିଛନ୍ତି ଯେ ସଚିନ୍ ଯେଉଁ ସମୟରେ ଖେଳୁଥିଲେ, ସେତେବେଳେ ବ୍ୟାଟିଂ ଏତେ ସହଜ ନ ଥିଲା। ସେତେବେଳେ ବୋଲର୍‌ଙ୍କର ଦବ୍‌ଦବା ରହିଥିବାରୁ ଅନେକ ମ୍ୟାଚ୍‌ରେ ବଡ଼ ସ୍କୋର୍ ହୋଇପାରୁ ନ ଥିଲା। କିନ୍ତୁ ବର୍ତ୍ତମାନ କ୍ରିକେଟ୍ ସମ୍ପୂର୍ଣ୍ଣ ଭାବେ ବ୍ୟାଟ୍ସମ୍ୟାନ୍‌ଙ୍କ ପାଇଁ ଉପଯୁକ୍ତ ହୋଇସାରିଛି। ବର୍ତ୍ତମାନ ରନ୍ ସଂଗ୍ରହ କରିବା ମଧ୍ୟ ସହଜ ହୋଇପାରିଛି। ତେଣୁ ସଚିନ୍‌ଙ୍କ ସହ କୋହଲିଙ୍କୁ ତୁଳନା କରିବା ଆଦୌ ଠିକ୍ ହେବନାହିଁ। ଆଧୁନିକ କ୍ରିକେଟ୍‌ରେ କୋହଲି ନିଶ୍ଚିତ ଭାବେ ଜଣେ ଜବରଦସ୍ତ ବ୍ୟାଟ୍ସମ୍ୟାନ୍। କିନ୍ତୁ ସଚିନ୍ ଯଦି ବର୍ତ୍ତମାନ ସମୟରେ କ୍ରିକେଟ୍ ଖେଳୁଥାନ୍ତେ, ତା'ହେଲେ ସେ ୧ ଲକ୍ଷ ୩୦ ହଜାରରୁ ଅଧିକ ରନ୍ କରିପାରିଥାନ୍ତେ ବୋଲି ଏକ ଲାଇଭ୍ ସେସନ୍‌ରେ ଶୋଏବ୍ କହିଛନ୍ତି। ଏହି ଅବସରରେ ଗତ ୨୦୦୩ ଆଇସିସି ବିଶ୍ୱକପ୍ ମୁକାବିଲାରେ ସଚିନ୍ ଶତକ କରି ନ ପାରିବା ତାଙ୍କୁ ଦୁଃଖ ଦେଇଥିଲା ବୋଲି ଶୋଏବ୍ କହିଛନ୍ତି। ଶୋଏବ୍‌ଙ୍କ ବାଉନ୍ସରରେ ସଚିନ୍ ୯୮ ରନ୍ କରି ଆଉଟ୍ ହୋଇଥିଲେ।

କରୋନା ଭାଇରସ୍ ବ୍ୟାପିବାର ଭୟ

ରେସ୍‌ଲିଂ କ୍ୟାମ୍ପ୍ ସ୍ଥଗିତ

ମୁମ୍ବାଇ,୨୧।୫/ଏଜେନ୍ସି: ରେସଲିଂ ପରି ଏକ ଖେଳରେ ଅଭ୍ୟାସ କରିବାକୁ ହେଲେ ଜଣେ ଅନ୍ୟ ଜଣଙ୍କ ସହ ଲଢ଼େଇ କରିବ। ଫଳରେ ସୋସିଆଲ ଡିଷ୍ଟାନ୍ସିଂ ବଜାୟ ରଖିବା କଷ୍ଟକର ହେବ। ଏପରି ଅଭ୍ୟାସ କଲେ ମହାମାରୀ କରୋନା ଭାଇରସ୍ ବ୍ୟାପିବାର ଆଶଙ୍କା ରହିଛି ବୋଲି ବରିଷ୍ଠ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗୀମାନେ ଚିନ୍ତା ପ୍ରକଟ କରିବା ପରେ ଭାରତୀୟ ରେସଲର ଲାଗି ହେବାକୁ ଥିବା କ୍ୟାମ୍ପକୁ ସ୍ଥଗିତ ରଖାଯାଇଛି। କରୋନା ଭାଇରସ୍ ନିୟନ୍ତ୍ରଣ ନ ହେବା ଯାଏ ଏହି ରେସଲର୍‌ମାନେ ନିଜ ନିଜ ଆଖଡ଼ାରେ କିମ୍ବା ବ୍ୟକ୍ତିଗତଭାବେ ଅଭ୍ୟାସ କରିବାକୁ ରେସଲିଂ ଫେଡେରେସନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ପକ୍ଷରୁ ଅନୁମତି ଦିଆଯାଇଛି। କେନ୍ଦ୍ର ସରକାର ଟ୍ରେନିଂ ଲାଗି ଅନୁମତି ଦେବା ପରେ ଫେଡେରେସନ ପକ୍ଷରୁ ସୋନିପତରେ ପୁରୁଷ ଓ ଲକ୍ଷ୍ନୌରେ ମହିଳାଙ୍କ ଲାଗି କ୍ୟାମ୍ପ ଆୟୋଜନ କରୁଥିଲା। କିନ୍ତୁ ରେସଲରମାନେ କ୍ୟାମ୍ପରେ କରୋନା ଭାଇରସ୍ ବ୍ୟାପିବ ବୋଲି ଆଶଙ୍କା ପ୍ରକାଶ କରିବା ପରେ ଏହାକୁ ଅନିର୍ଦ୍ଦିଷ୍ଟ କାଳ ଲାଗି ସ୍ଥଗିତ ରଖାଯାଇଛି।

ଟୋକିଓ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିଥିବା ରେସ୍‌ଲରଙ୍କୁ ନେଇ ଏହି କ୍ୟାମ୍ପ ଆୟୋଜିତ ହୋଇଥାନ୍ତା। ଏହି ରେସ୍‌ଲରମାନେ ନିଜ ସୁବିଧା ଅନୁଯାୟୀ ଅଭ୍ୟାସ କରୁଛନ୍ତି। ଏଣୁ ସେଥିରେ କିଛି ପରିବର୍ତ୍ତନ ନକରିବାକୁ ଫେଡେରେସନ ନିଷ୍ପତି ନେଇଛି। ସେହିପରି ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆର ଜଣେ କର୍ମକର୍ତାଙ୍କ କହିବା ଅନୁଯାୟୀ ଏବେ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ରହିଛି।

ଏଭଳି ସମୟରେ ଆନ୍ତଃରାଜ୍ୟ ଯାତାୟତ ବନ୍ଦ ରହିଛି। ଏଣୁ କ୍ୟାମ୍ପକୁ ଅନ୍ୟ ରାଜ୍ୟର ଖେଳାଳି ଆସି ପାରି ନଥାନ୍ତେ। ଏବେ ତାରକା ରେସ୍‌ଲରଙ୍କ ମଧ୍ୟରେ ସୁଶିଲ କୁମାର ଓ ରବି ଦହିୟା ସେମାନଙ୍କ ବ୍ୟକ୍ତିଗତ ସପୋର୍ଟ ଷ୍ଟାଫଙ୍କ ସହ ଛତ୍ରଶାଳ ଷ୍ଟାଡିୟମ୍‌ରେ ଟ୍ରେନିଂରେ କରୁଛନ୍ତି। ଝଜ୍ଜରରେ ଥିବା ଆଖଡାରେ ଦୀପକ ଓ ସୋନିପତ୍‌ରେ ବଜରଙ୍ଗ ପୁନିଆ ଅଭ୍ୟାସ ଚଳାଇଛନ୍ତି। ଏମାନେ ଅଭ୍ୟାସ କରୁଥିବା ସ୍ଥାନରେ ଜିମ୍‌ର ମଧ୍ୟ ସୁବିଧା ରହିଛି। ଏବେ ଆମର କେହି ଚିଫ୍ କୋଚ୍ ଭାରତରେ ନାହାନ୍ତି। ସେମାନେ ନ ଆସିବା ଯାଏ ଫିଜିକାଲ ଟ୍ରେନିଂ କରିବା ଅସମ୍ଭବ ବୋଲି ଫେଡେରେସନ ପକ୍ଷରୁ କୁହାଯାଇଛି।

ଆଇଓସି ମୁଖ୍ୟଙ୍କ ଟୋକିଓ ଅଲିମ୍ପିକ୍ସ ବାତିଲ୍ ଆଶଙ୍କା

ଲୌସେନ୍,୨୧।୫/ଏଜେନ୍ସି: ଚଳିତ ବର୍ଷ ଆୟୋଜିତ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସକୁ କରୋନା ଭୂତାଣୁ ସଂକ୍ରମଣ କାରଣରୁ ଆସନ୍ତା ୨୦୨୧କୁ ଘୁଞ୍ଚାଇ ଦିଆଯାଇଛି। ତେବେ ବିଶ୍ୱରେ ଯଦି ୨୦୨୧ ମଧ୍ୟ ଭାଗ ବେଳକୁ କରୋନା ସ୍ଥିତିରେ ଉନ୍ନତି ଆସି ନ ଥାଏ, ତା'ହେଲେ ଏହି ଅଲିମ୍ପିକ୍ସ ବାତିଲ୍ ହେବ। ଏପରି ହେଲେ ଟୋକିଓ ଅଲିମ୍ପିକ୍ସ ସମ୍ଭବପର ହେବ ନାହିଁ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ସଭାପତି ଥୋମାସ୍ ବାକ୍। ବିବିସି ସ୍ପୋର୍ଟ୍ସ ସହ ଆଲୋଚନା ବେଳେ ବାକ୍ କହିଛନ୍ତି ଯେ ଯଦି ଆସନ୍ତା ବର୍ଷ ଅଲିମ୍ପିକ୍ସ ଆୟୋଜିତ ନ ହୁଏ, ତା'ହେଲେ ଟୋକିଓ ସଂସ୍କରଣ ବାତିଲ୍ ହେବା ନିଶ୍ଚିତ। କାରଣ ବେଶୀଦିନ ଆଥଲେଟ୍‌ମାନଙ୍କୁ ଅନିଶ୍ଚିତତା ଭିତରେ ରଖିହେବ ନାହିଁ। ଆହୁରି ମଧ୍ୟ ୩ରୁ ୫ ହଜାର ପର୍ଯ୍ୟନ୍ତ ଆୟୋଜକ କମିଟି ସଦସ୍ୟଙ୍କୁ ସବୁଦିନ ପାଇଁ ଦାୟିତ୍ୱ ଦିଆଯିବା ସମ୍ଭବପର ନୁହେଁ ବୋଲି ବାକ୍ କହିଛନ୍ତି। ଟୋକିଓ ଅଲିମ୍ପିକ୍ସର ପୁନଃଆୟୋଜନ କଷ୍ଟକର ବ୍ୟାପାର ବୋଲି ମଧ୍ୟ ବାକ୍ ମତ ଦେଇଛନ୍ତି।

ଆଥଲେଟ୍‌ଙ୍କ ପାଇଁ ସାଇର ଏସ୍‌ଓପି ଜାରି

ନୂଆଦିଲ୍ଲୀ,୨୧।୫/ଏଜେନ୍ସି: ଭାରତରେ କ୍ରୀଡ଼ାବିତ୍‌ମାନଙ୍କୁ ଖେଳ ପଡ଼ିଆକୁ ଫେରିବାର ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ କରୋନା ଭୂତାଣୁ ସଂକ୍ରମଣ ରୋକିବା ସକାଶେ ଆଥଲେଟ୍‌ଙ୍କୁ କେତେଗୁଡ଼ିଏ ନିୟମ ପାଳନ କରିବାକୁ ପଡ଼ିବ। ଗୁରୁବାର ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପକ୍ଷରୁ ୮ ସୂତ୍ରୀ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସେଜିଓର୍) ଜାରି କରାଯାଇଛି। ଟ୍ରେନିଂ ବେଳେ ଏହିସବୁ ନିୟମ ଆଥଲେଟ୍‌ମାନଙ୍କୁ ପାଳନ କରିବାକୁ ପଡ଼ିବ। ସାଇ ସମ୍ପାଦକ ରୋହିତ ଭରଦ୍ୱାଜ୍‌ଙ୍କ ନେତୃତ୍ୱାଧୀନ ଏକ ୬ଜଣିଆ କମିଟି ପକ୍ଷରୁ ଏହି ଏସ୍‌ଓପି ପ୍ରସ୍ତୁତ କରାଯାଇଛି। ଏହି ଏସ୍‌ଓପିର ଥିମ୍ 'ଖେଲୋ ଇଣ୍ଡିଆ ଫିର୍ ସେ' ଥିବା ବେଳେ ଏହାକୁ କାର୍ଯ୍ୟକାରୀ କରିବା ସକାଶେ ସାମାନ୍ୟ ସମୟ ଲାଗିବ ବୋଲି ଭରଦ୍ୱାଜ କହିଛନ୍ତି। ଏହି ଏସ୍‌ଓପିରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ନିୟମାବଳୀ ସାମାଜିକ ଦୂରତା, ମାସ୍କ ପରିଧାନ, ବାରମ୍ବାର ହାତ ଧୋଇବା ଓ ବ୍ୟକ୍ତିଗତ ସ୍ୱଚ୍ଛତା ସହ ଆହୁରି କେତେକ ନିୟମ ପାଳନ କରିବାକୁ କୁହାଯାଇଛି। ଆଥଲେଟ୍, କୋଚ୍, ସପୋର୍ଟ ଷ୍ଟାଫ୍, ଆଡମିନିଷ୍ଟ୍ରେଟିଭ୍ ଓ ମେଡିକାଲ୍ ଷ୍ଟାଫ୍ ଏହି ନିୟମର ଅନୁସରଣ କରିବେ।

ଜାରି ହୋଇଥିବା ଏସ୍‌ଓପିରେ କୌଣସି ପ୍ରକାର ପ୍ରଶିକ୍ଷଣ ଆରମ୍ଭ ପୂର୍ବରୁ ସ୍ଥାନୀୟ ପ୍ରଶାସନର ଅନୁମତି, ପ୍ରଶିକ୍ଷଣ ବେଳେ ଆଥଲେଟ୍‌ଙ୍କ ସ୍ୱାସ୍ଥ୍ୟଗତ ନିରାପତ୍ତା, ଖେଳ ସହ ଜଡ଼ିତ ସମସ୍ତଙ୍କୁ କରୋନା ଭୂତାଣୁ ସଂକ୍ରମଣର ଘାତକତା ଓ ଏହାଠାରୁ ବର୍ତ୍ତିବା ସକାଶେ ପ୍ରତିଷେଧକମୂଳକ ପଦକ୍ଷେପ ନେଇ ଅବଗତ କରାଇବା, କୋଭିଡ୍ ଟାସ୍କ ଫୋର୍ସ, ସ୍ୱଚ୍ଛତା ଅଧିକାରୀ ମୁତୟନ ସହ ପ୍ରଶିକ୍ଷଣସ୍ଥଳର ବିଶୋଧନ ଆଦି ପ୍ରାକ୍-ଟ୍ରେନିଂ ପଦକ୍ଷେପ ଗ୍ରହଣ ଆଦି ଉପରେ ଗୁରୁତ୍ୱ ଦିଆଯାଇଛି। ଆଥଲେଟିକ୍ସ ସହ ହକି, ବ୍ୟାଡ୍‌ମିଣ୍ଟନ୍, ବକ୍ସିଂ ଓ ଶୁଟିଂ ପରି ୧୧ଟି କ୍ରୀଡ଼ା ସହ ଜଡ଼ିତ ଖେଳାଳିମାନେ ଆଉଟଡୋର୍ ଅଭ୍ୟାସ କରିପାରିବେ। କୌଣସି ଖେଳାଳି କାହା ହାତ ମିଳାଇବେ ନାହିଁ, ଆଲିଙ୍ଗନ କରିବେ ନାହିଁ ଓ ସୁଇମିଂ ପୁଲ୍ ବ୍ୟବହାର କରିପାରିବେ ନାହିଁ। ଆଥଲେଟ୍‌ମାନଙ୍କର ନିୟମିତ ଭାବେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ବାଧ୍ୟତାମୂଳକ ବୋଲି କୁହାଯାଇଛି।

ବର୍ଷାଋତୁ ପରେ ଆଇପିଏଲ୍ ଆୟୋଜନ ସମ୍ଭବ

ମୁମ୍ବାଇ,୨୧।୫/ଏଜେନ୍ସି: କ୍ରିକେଟ ସମର୍ଥକଙ୍କ ମନରେ ଗୋଟିଏ କଥା। କରୋନା ଭାଇରସ୍ ଯୋଗୁଁ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ହୋଇ ପାରିବ କି ନାହିଁ। ଏହାକୁ ନେଇ ସମସ୍ତଙ୍କ ମନରେ ସନ୍ଦେହ ଓ ଆଶଙ୍କା ପର୍ଯ୍ୟାୟକ୍ରମେ ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ ଆଜି ମୁହଁ ଖୋଲିଛନ୍ତି ବିସିସିଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାହୁଲ ଜୋହରି। ତାଙ୍କ ମତରେ ବର୍ଷାଋତୁ ଶେଷ ହେବା ପରେ ଆଇପିଏଲ୍ ଆୟୋଜନ ସମ୍ଭବ ହୋଇପାରେ। କିନ୍ତୁ ଏଥିଲାଗି ଅନେକ କାର୍ଯ୍ୟକ୍ରମରେ ପରିବର୍ତ୍ତନ ଆଣିବାକୁ ହେବ। ପ୍ରଥମେ ଅଷ୍ଟ୍ରେଲିଆରେ ଅକ୍ଟୋବର ୧୮ରୁ ନଭେମ୍ବର ୧୫ ଯାଏ ହେବାକୁ ଥିବା ଟି-୨୦ ୱାର୍ଲ୍ଡ କପ୍‌କୁ ବାତିଲ କରିବା ଆବଶ୍ୟକ। ଏହା ପରେ ଆହୁରି ଅନେକ କିଛି କାମ ରହିଛି ଯାହାକୁ କରିବା ଲାଗି ଆମେ ବାଧ୍ୟ। ଏହି ଯେପରି ବିଦେଶରୁ ଖେଳାଳିମାନେ ଆସିଲେ ୧୪ ଦିନ କ୍ୱାରେଣ୍ଟାଇନ୍‌ରେ ରହିବା ଲାଗି ଜରୁରୀ, ଯଦି କୌଣସି ଖେଳାଳି ଅଂଶଗ୍ରହଣ କରିବାକୁ ରାଜି ନହୁଅନ୍ତି, ତେବେ ସେଥିଲାଗି ସେମାନଙ୍କୁ ଅନୁମତି ଦେବା, ପଡ଼ିଆକୁ ଘରୋଇ କାର୍ଯ୍ୟକ୍ରମରୁ ମୁକ୍ତ ରଖିବା ଆଦି କାମ ରହିଛି। ଜୋହରିଙ୍କ ମତରେ ଟି-୨୦ ବିଶ୍ୱକପ୍ ବାତିଲ ହେଲେ ଯାଇ ଆମେ ଏସବୁ କରିବା ଲାଗି ସମର୍ଥ ହୋଇପାରିବୁ।

ଆମେ ସମସ୍ତେ ଜାଣିଛୁ, ଆଇପିଏଲ୍ ଉପରେ କ୍ରିକେଟର ଅର୍ଥନୀତି ନିଭର କରୁଛି। କିନ୍ତୁ ଏହାଯୋଗୁଁ ଆମେ ତ ଆସନ୍ତାକାଲି ଏହାକୁ ଆୟୋଜନ କରିପାରିବୁ ନାହିଁ। ଏଥିଲାଗି ଷ୍ଟେପ୍ ପରେ ଷ୍ଟେପ୍ ଆଗେଇବାକୁ ହେବ। ବର୍ଷାଋତୁ ପରେ ପରିସ୍ଥିତିରେ ଉନ୍ନତି ଆସିଲେ ଏହାର ଯୋଜନା କରାଯିବ। ବିମାନ ସେବା ଆରମ୍ଭ ହେଲେ ଖେଳାଳିମାନେ ଏଠାକୁ ଆସି କ୍ୱାରେଣ୍ଟାଇନ୍‌ରେ ରହିବେ। ଏଭଳି ସବୁ କାମ ହୋଇପାରିଲେ ଆଇପିଏଲ ଆୟୋଜନ ନେଇ ଆଶଙ୍କା ରହିବ ନାହିଁ ବୋଲି ନିଜ ପଦ ବଜାୟ ରଖିବା ପରେ କହିଛନ୍ତି ବିସିସିଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାହୁଲ ଜୋହରି।

୭ ଦିନରେ ୧୨ ଶହ କିମି ସାଇକେଲ୍ ଚଳାଇ ଚର୍ଚ୍ଚାରେ ଜ୍ୟୋତି କୁମାରୀ

ଟ୍ରାଏଲ୍ ପାଇଁ ଡାକିଲା ସିଏଫ୍‌ଆଇ

ନୂଆଦିଲ୍ଲୀ,୨୧।୫/ଏଜେନ୍ସି: ଲକଡାଉନ୍ ସମୟରେ ଗାଡ଼ି ମୋଟର ନ ପାଇ ୧୨ ଶହ କିମି ଦୂରରେ ଥିବା ନିଜ ଘରକୁ ଫେରିଛନ୍ତି ବିହାରର ଜଣେ ୧୫ ବର୍ଷୀୟା ନାବାଳିକା। ଅଧିକନ୍ତୁ ନାବାଳିକା ଜଣକ ନିଜର ରୋଗୀଣା ପିତାଙ୍କୁ ସାଇକେଲ୍ ପଛରେ ବସାଇ ଏହି ଦୂରତା ଅତିକ୍ରମ କରିଛନ୍ତି। ସପ୍ତାହକ ଭିତରେ ଏହି ଦୂରତା ଅତିକ୍ରମ କରିଥିବା ଜ୍ୟୋତି ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଅଷ୍ଟମ ଶ୍ରେଣୀରେ ପଢୁଥିବା ଜ୍ୟୋତିଙ୍କର ଏପରି ସାଇକେଲ୍ ଚାଳନା ପ୍ରତିଭା ଦେଖି ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆ (ସିଏଫ୍‌ଆଇ)ର ଅଧ୍ୟକ୍ଷ ଓଁକାର ସିଂହ ପ୍ରଭାବିତ ହୋଇଛନ୍ତି। ତେଣୁ ତାଙ୍କୁ ଆସନ୍ତା ମାସରେ ଟ୍ରାଏଲ୍ ଦେବା ସକାଶେ ନିମନ୍ତ୍ରଣ କରିଛନ୍ତି। ଏହି ଟ୍ରାଏଲ୍‌ରେ ସଫଳ ହେଲେ ଜ୍ୟୋତିଙ୍କୁ ଆଇଜିଆଇ ଷ୍ଟାଡିୟମ୍ କମ୍ପ୍ଲେକ୍ସଠାରେ ଥିବା ନ୍ୟାସନାଲ୍ ସାଇକ୍ଲିଂ ଏକାଡେମୀଠାରେ ପ୍ରଶିକ୍ଷଣର ସୁଯୋଗ ମିଳିବ ବୋଲି ସିଂହ କହିଛନ୍ତି। ସେ କହିଛନ୍ତି ଯେ ଗୁରୁବାର ସକାଳେ ତାଙ୍କର ଜ୍ୟୋତିଙ୍କ ସହ ଆଲୋଚନା ହୋଇଛି ଓ ଦିଲ୍ଲୀକୁ ଆସନ୍ତା ମାସରେ ଆସିବାକୁ ନିମନ୍ତ୍ରଣ କରାଯାଇଥିଲା। ସେତେବେଳକୁ ଲକଡାଉନ୍ କଟକଣା ଶେଷ ହୋଇଯିବାର ଆଶା ରହିଛି। ତାଙ୍କର ସମସ୍ତ ପ୍ରକାର ଖର୍ଚ୍ଚ ସିଏଫ୍‌ଆଇ ବହନ କରିବ। ତାଙ୍କ ସହ ପରିବାରର ଜଣେ ସଦସ୍ୟ ମଧ୍ୟ ଆସିପାରିବେ। ସେ କିପରି ଦିଲ୍ଲୀରେ ପହଞ୍ଚିବେ, ସେ ନେଇ ସିଏଫ୍‌ଆଇର ବିହାର ରାଜ୍ୟ ୟୁନିଟ୍ ସହ ଆଲୋଚନା କରାଯିବ ବୋଲି ସିଂହ କହିଛନ୍ତି। ଜ୍ୟୋତିଙ୍କଠାରେ ନିଶ୍ଚିତ ଭାବେ କିଛି ନା କିଛି ସ୍ୱତନ୍ତ୍ର ଗୁଣ ରହିଛି। କାରଣ ୧୨ ଶହ କିମି ରାସ୍ତା ସାଇକେଲ୍‌ରେ ଅତିକ୍ରମ କରିବା ସାଧାରଣ ଘଟଣା ନୁହେଁ। ସିଏଫ୍‌ଆଇ ସବୁବେଳେ ଯୁବ ପ୍ରତିଭାଙ୍କୁ ସୁଯୋଗ ଦେଇଆସିଛି। ଆମ ପାଖରେ ଏବେ ୧୪-୧୫ ବର୍ଷ ବୟସର ୧୦ ଜଣ ସାଇକ୍ଲିଷ୍ଟ ଅଛନ୍ତି। ସେମାନଙ୍କ ପରି ଜ୍ୟୋତିଙ୍କୁ ମଧ୍ୟ ଟ୍ରେନିଂ ଦେବାକୁ ଚାହୁଁଛି। ତାଙ୍କୁ କମ୍ପ୍ୟୁଟର୍ ଦ୍ୱାରା ପରିଚାଳିତ ସାଇକେଲ୍‌ରେ ପରୀକ୍ଷା କରାଯିବ। ସେଥିରେ ସେ ଆବଶ୍ୟକ ମାପଦଣ୍ଡରେ ଉନ୍ନୀତ ହେଲେ, ପ୍ରଶିକ୍ଷଣ ଶିବିରରେ ଯୋଗଦେବେ ଓ ତାଙ୍କୁ ଏନେଇ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ ବୋଲି ସିଂହ କହିଛନ୍ତି।

ଆଇସିସି ନେତୃତ୍ୱ ନେବାକୁ ଗାଙ୍ଗୁଲି ଶ୍ରେଷ୍ଠ

ମୁମ୍ବାଇ,୨୧।୫/ଏଜେନ୍ସି: ଭାରତୀୟ କ୍ରିକେଟ ଦଳର ପୂର୍ବତନ ସଭାପତି ତଥା ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଇଣ୍ଟରନ୍ୟାସନାଲ କ୍ରିକେଟ କାଉନ୍ସିଲ (ଆଇସିସି)ର ନେତୃତ୍ୱ ନେବାକୁ ଯୋଗ୍ୟତମ ବ୍ୟକ୍ତି ବୋଲି କହନ୍ତି ସାଉଥ୍ ଆଫ୍ରିକା କ୍ରିକେଟ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ପୂର୍ବତନ ଅଧିନାୟକ ଗ୍ରେମ୍ ସ୍ମିଥ୍। ସାମ୍ବାଦିକଙ୍କ ସହ ଅନ୍‌ଲାଇନ୍‌ରେ ଆଲୋଚନା ବେଳେ ସ୍ମିଥ୍ କହନ୍ତି 'ବିଶ୍ୱରେ କ୍ରିକେଟ ପରିଚାଳନା କରିବା ଏବଂ ଏହି ଲୋକପ୍ରିୟ ଖେଳକୁ ଆଗକୁ ନେବା ଲାଗି ଆଇସିସି ଚେୟାରମ୍ୟାନ୍‌ଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯଦି ସୌରଭ ଗାଙ୍ଗୁଲିଙ୍କ ପରି ଜଣେ ବ୍ୟକ୍ତି ଏହି ପଦରେ ରହିବେ ତେବେ କ୍ରିକେଟ ସବୁଠାରୁ ବେଶି ଲାଭବାନ ହୋଇପାରିବ। ସେ ଏହି ଖେଳକୁ ଭଲଭାବେ ବୁଝନ୍ତି, ସର୍ବୋଚ୍ଚସ୍ତରରେ ସେ ଏହାକୁ ଖେଳିଛନ୍ତି ଓ ବିଶ୍ୱରେ ତାଙ୍କୁ ସମ୍ମାନ ମିଳେ' ବୋଲି କହନ୍ତି ସ୍ମିଥ୍। ଏବେ ଅନ୍ତର୍ଜାତୀୟ କ୍ରିକେଟ ଏକ ନୂଆ ରୂପରେ ରୂପାନ୍ତରିତ ହେବାକୁ ଯାଉଛି। ଏଭଳି ସମୟରେ ଗାଙ୍ଗୁଲିଙ୍କ ପରି ଜଣେ ବ୍ୟକ୍ତି ଏହାର ଦାୟିତ୍ୱ ନେଲେ, କ୍ରିକେଟ ନିଶ୍ଚିତଭାବେ ସହଜରେ ଆଗକୁ ଆଗେଇ ପାରିବ ବୋଲି ସେ ଏହି ଆଲୋଚନା ବେଳେ ମତଦେଇଛନ୍ତି।

ସ୍ମିଥ୍ ଆହୁରି କହନ୍ତି, ଗାଙ୍ଗୁଲି ଅନ୍ତର୍ଜତୀୟ ସ୍ତରରେଙ୍କ ନେତୃତ୍ୱ ନେବାର ବ୍ୟକ୍ତିତ୍ୱ ରହିଛି। ସେ ଏପରି ସ୍ଥାନରେ ଅଛନ୍ତି, ଯେଭଳି କ୍ରିକେଟକୁ କ୍ଷତି ହେବାକୁ ଦେବେ ନାହିଁ। ତାଙ୍କ ନିକଟରେ ସଚ୍ଚୋଟତା ରହିଛି, ନେତୃତ୍ୱ ନେବାର ଦକ୍ଷତା ରହିଛି ଏବଂ କ୍ରିକେଟକୁ ଆଗକୁ ନେଇଯିବାର ଦୂରଦୃଷ୍ଟି ରହିଛି। ଏଣୁ ସେ ଏଭଳି ସଙ୍କଟ ସମୟରେ ବିଶ୍ୱ କ୍ରିକେଟର ନେତୃତ୍ୱ ନେବାର ଶ୍ରେଷ୍ଠ ବ୍ୟକ୍ତି ବୋଲି ସ୍ମିଥ କହନ୍ତି। ବର୍ତମାନ ଆଇସିସି ଚେୟାରମ୍ୟାନ୍ ପଦବୀ ଲାଗି ଅନେକ ଆଶାୟୀ ଅଛନ୍ତି। କେଉଁମାନେ ଆଗେଇ ଆସୁଛନ୍ତି ତାହା ଆମେ ଜାଣିନାହୁଁ। କିନ୍ତୁ ଗାଙ୍ଗୁଲି ଏହି ପଦ ଲାଗି ନିର୍ବାଚନ ଲଢ଼ିବାକୁ ଆଗେଇ ଆସିଲେ ସାଉଥ୍ ଆଫ୍ରିକା କ୍ରିକେଟ ବୋର୍ଡ ତାଙ୍କୁ ନିଃସର୍ତ ସମର୍ଥନ କରିବ ବୋଲି ସେ ଘୋଷଣା କରିଛନ୍ତି।

ସୂଚନାଯୋଗ୍ୟ ବିସିସିଆଇ ସଭାପତି ଭାବେ ସୌରଭ ଗାଙ୍ଗୁଲିଙ୍କ କାର୍ଯ୍ୟକାଳ ଜୁଲାଇରେ ଶେଷ ହେବ। ଭାରତୀୟ ସୁପ୍ରିମକୋର୍ଟ ତାଙ୍କୁ ଏହି ପଦରେ ରହିବାକୁ ଅନୁମତି ନଦେଲେ ବିସିସିଆଇ ସଭାପତି ପଦରୁ ସେ ଅବ୍ୟାହତି ନେବେ। ଏହା ପରେ ଯାଇ ସେ ଆଇସିସି ଚେୟାରମ୍ୟାନ୍ ଲାଗି ନିର୍ବାଚନ ଲଢ଼ିବାକୁ ମନ ବଳାଇବେ ବୋଲି କୁହାଯାଉଛି। ଏବେ ଚେୟାରମ୍ୟାନ୍ ଥିବା ଶଶାଙ୍କ ମନୋହରଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଛି। ଏଥିଲାଗି ମେ ୨୮ରେ ଆଇସିସି ବୋର୍ଡର ବୈଠକ ବସିବ। ଏଥିରେ ଯଦି କିଛି ନିଷ୍ପତି ନିଆ ନଯାଏ, ତେବେ ଏହି ପଦବୀ ଲାଗି ଗାଙ୍ଗୁଲିଙ୍କ ନାମ ନିଶ୍ଚିତ ଭାବେ ବିଚାରକୁ ନିଆଯିବ ବୋଲି ଆଲୋଚନା ହେଉଛି। ଏବେ ଏହି ପଦବୀ ଲାଗି ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ମୁଖ୍ୟ ଆଶାୟୀ ଥିଲାବେଳେ ଗାଙ୍ଗୁଲିଙ୍କ ଲବି ହେଲେ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇସାରିଲାଣି। ପୂର୍ବରୁ ଇଂଲଣ୍ଡର ପୂର୍ବତନ ଅଧିନାୟକ ଡେଭିଡ୍ ଗାୱାର ମଧ୍ୟ ଗାଙ୍ଗୁଲିଙ୍କୁ ସମର୍ଥନ କରି ସମାନ ମତ ଦେଇସାରିଛନ୍ତି। ଏହା ଇଂଲଣ୍ଡ କ୍ରିକେଟ ପ୍ରଶାସନରେ ଭୂକୁମ୍ପନ ସୃଷ୍ଟି କରିଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2581886, 2582886, Fax: 0674-2583886, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra